# ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ପ୍ରଚଳନ ପ୍ରସଙ୍ଗ

ବିଶ୍ୱନାଥ ରାଉତ

ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ବଡ଼ସିଂହାର ବେଶବେଳେ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ବ୍ୟବହାର କରାଯାଏ । ମହାପ୍ରଭୁଙ୍କୁ ଏହି ଖଣ୍ଡୁଆପାଟରେ ଆବରଣ କରାଯାଏ । ଏହି ପାଟରେ ଗୀତଗୋବିନ୍ଦର ଶ୍ଲୋକ ଉଲ୍ଲେଖ ରହିଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ମହାପ୍ରଭୁ ଜଗନ୍ନାଥ ଗୀତଗୋବିନ୍ଦ ପ୍ରିୟ। ଗୀତଗୋବିନ୍ଦ ସ୍ରଷ୍ଟା କବି ଜୟଦେବ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପରମ ଭକ୍ତ ଭାବେ ପରିଚିତ । ଏକଥା ଲୋକମୁଖରେ ପରମ୍ପରାକ୍ରମେ ପ୍ରଚଳିତ। ଦୀର୍ଘ ବର୍ଷ ପୂର୍ବେ ଭକ୍ତକବି ଜୟଦେବ ଶ୍ରୀମନ୍ଦିରର ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ତାହା ଏବେବି ପ୍ରଚଳିତ । ଏହାହିଁ ପରମ ଭକ୍ତ ଜୟଦେବଙ୍କର ଭକ୍ତିମତ୍ତାର ବୈଶିଷ୍ଟ୍ୟ ।



ଗୀତଗୋବିନ୍ଦ ଖଣ୍ଡୁଆପାଟ ସମ୍ପର୍କରେ ଏକ କାହାଣୀ ରହିଛି। ଭକ୍ତପ୍ରବର ଜୟଦେବ ସେତେବେଳେ କେନ୍ଦୁବିଲ୍ୱରେ ଅବସ୍ଥାନ କରୁଥିଲେ । ହଠାତ୍ ଏକ ଅଭିନବ ଚିନ୍ତା ଦିନେ ତାଙ୍କ ମୁଣ୍ଡରେ ଜୁଟିଲା। ଗୀତଗୋବିନ୍ଦର କେତୋଟି ନିର୍ବାଚିତ ଶ୍ଲୋକରେ ବୁଣାଯାଇଥିବା ଏକ ସ୍ୱତନ୍ତ୍ର ଧରଣର ଖଣ୍ଡୁଆପାଟ ଯଦି ମହାପ୍ରଭୁଙ୍କୁ ସମର୍ପଣ କରାଯିବ, ତା'ହେଲେ ଶ୍ରୀଜଗନ୍ନାଥ ଆହୁରି କମନୀୟ କାନ୍ତିରେ ହସି ଉଠିବେ। ଏହି ଚିନ୍ତା ଆନ୍ଦୋଳିତ କଲା ଜୟଦେବଙ୍କୁ ବରାବର। ଏ ଧରଣର ଖଣ୍ଡୁଆପାଟ ପ୍ରସ୍ତୁତି ନିମନ୍ତେ ସେ ଉଦ୍ୟମ ଜାରି ରଖିଲେ । ଗ୍ରାମର ବହୁ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହଯୋଗର ହାତ ବଢ଼ାଇଲେ । ବୁଣାଳୀ ଭାଇମାନେ ମଧ୍ୟ ଜୟଦେବଙ୍କ ଇଚ୍ଛାକୁ ପୂରଣ କରିବା ନିମନ୍ତେ ଅଣ୍ଟା ଭିଡ଼ିଲେ ।

ଜୟଦେବ ବୁଣାଳୀ ଭାଇମାନଙ୍କ ସହ ଖଣ୍ଡୁଆପାଟର ପ୍ରସ୍ତୁତି ଶୈଳୀ ସମ୍ପର୍କରେ ଆଲୋଚନା କଲେ। ନିଜେ ନିଜ ରଚିତ ଗୀତଗୋବିନ୍ଦରୁ ଶ୍ଲୋକ ଚୟନ କଲେ । ସେହି ଶ୍ଲୋକଗୁଡ଼ିକୁ ଯେଉଁ ଶୈଳୀରେ ଖଣ୍ଡୁଆ ପାଟରେ ସ୍ଥାନ ଦିଆଯିବ, ସେ ସମ୍ପର୍କରେ ସେ ବିସ୍ତୃତ ଭାବରେ ବୁଣାଳୀମାନଙ୍କୁ ଅବଗତ କରାଇଲେ। ନିଜର ପରମ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କୁ ସ୍ମରଣ କରି ନିଜ ଉଦ୍ୟମକୁ ଚରିତାର୍ଥ କରିବା ନିମନ୍ତେ ପ୍ରୟାସ ଆରମ୍ଭ କଲେ । ଜୟଦେବ ଶ୍ରୀଜଗନ୍ନାଥଙ୍କଠାରେ କୃଷ୍ଣତ୍ୱ ଅଥବା ମାଧବତ୍ୱ ଆରୋପ କରି ଜଗନ୍ନାଥଙ୍କଠାରେ ନିଜକୁ ସମର୍ପଣ କରିଦେଇଥିଲେ। ଗ୍ରାମର ଏକ ପାର୍ଶ୍ୱରେ ଥିବା ମନ୍ଦିର ନିକଟବର୍ତ୍ତୀ ପୁଷ୍କରିଣୀକୁ ଲାଗି ରହିଥିଲା ବୁଣାଳୀ ବସ୍ତି । ପାଟ ପ୍ରସ୍ତୁତି କାର୍ଯ୍ୟରେ ବୁଣାଳୀମାନେ ନିୟୋଜିତ ହେଲେ। ଜୟଦେବଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଲା ।

ଜୟଦେବ ସୁଲଳିତ କଣ୍ଠରେ ଗୀତଗୋବିନ୍ଦର ପଂକ୍ତିମାନ ଗାନ କରୁଥିଲେ ଏବଂ ସେହି ଅନୁସାରେ ବୁଣାଳୀମାନେ ପାଟ ବୁଣୁଥିଲେ। ଏହି କାର୍ଯ୍ୟ କିଛିଦିନ ଚାଲିଲା । ହଠାତ୍ ଦିନେ ଗୀତଗୋବିନ୍ଦ ଗାନ କରୁଥିବାବେଳେ ଜୟଦେବ ଅତ୍ୟନ୍ତ ଭାବ ବିହ୍ୱଳିତ ହୋଇ ମୂର୍ଚ୍ଛା ହୋଇଗଲେ। ପାଟବୁଣା କାର୍ଯ୍ୟ ଅଧାରୁ ବନ୍ଦ ହୋଇଗଲା। ସମ୍ଭବତଃ ମହାପ୍ରଭୁ ଜଗନ୍ନାଥଙ୍କର ଏହାହିଁ ଥିଲା ଇଚ୍ଛା। ତାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ସ୍ୱତନ୍ତ୍ର ପାଟ ତିଆରି ପ୍ରକ୍ରିୟା ଅନୁଧ୍ୟାନ କରିବା ନିମନ୍ତେ ବୋଧହୁଏ ମହାପ୍ରଭୁଙ୍କର ଇଛା ହେଲା । ସେଥିପାଇଁ ସେ ଏଭଳି କାଣ୍ଡ ରଚନା କଲେ। ଅଚେତ ଅବସ୍ଥାରେ ଜୟଦେବ ଥିବାବେଳେ ବୁଣାଳୀମାନେ ବିବ୍ରତ ହୋଇପଡ଼ିଲେ। ଠିକ୍ ସେତିକିବେଳେ ଜଣେ ବ୍ରାହ୍ମଣ ପାଟବୁଣା ସ୍ଥାନରେ ପହଞ୍ଚିଲେ । ତାଙ୍କ କଣ୍ଠରୁ ଝରିପଡୁଥିଲା ଗୀତଗୋବିନ୍ଦର ଅମୃତ ପଦାବଳୀ । ଠିକ୍ ଜୟଦେବଙ୍କ ଶୈଳୀରେ ବ୍ରାହ୍ମଣ ଗାନ କରୁଥିଲେ ଗୀତଗୋବିନ୍ଦର କମନୀୟ ଶ୍ଳୋକ। ଭଜନରତ ବ୍ରାହ୍ମଣଙ୍କୁ ଦର୍ଶନ କରି ବୁଣାଳୀମାନେ ଆନନ୍ଦ ଚିତ୍ତରେ ତାଙ୍କ ପାଦତଳେ ଲୋଟିପଡ଼ିଲେ। ସେମାନଙ୍କ ବିବ୍ରତ ଅବସ୍ଥାକୁ ଲକ୍ଷ୍ୟ କରି ବ୍ରାହ୍ମଣ କହିଲେ, ଭାଇମାନେ ଚିନ୍ତାକର ନାହିଁ। ପାଟବୁଣା ବନ୍ଦ ହେବନାହିଁ । ମୁଁ ଗୀତଗୋବିନ୍ଦ ଶ୍ଳୋକ ମନେ ରଖିଛି । ମୁଁ ବୋଲିବି, ତୁମ୍ଭେମାନେ ପାଟ ବୁଣିବ ।

ଜୟଦେବ ଶୈଳୀକୁ ଭଲଭାବରେ ନକଲ କରି ଗୀତଗୋବିନ୍ଦ ଗାନ କରୁଥିବାରୁ ବ୍ରାହ୍ମଣଙ୍କ କଥାରେ ବୁଣାଳୀମାନେ ଆଶ୍ୱସ୍ତ ହେଲେ ଏବଂ ପାଟ ବୁଣିବାକୁ ପ୍ରସ୍ତୁତ ହେଲେ । ବ୍ରାହ୍ମଣ ଗାନ କରି ଚାଲିଲେ ଗୀତଗୋବିନ୍ଦର ପୂର୍ବ ନିର୍ବାଚିତ ଶ୍ଳୋକ ସୁମଧୁର କଣ୍ଠରେ ଏବଂ ସାଙ୍ଗୀତିକ ମୂର୍ଚ୍ଛନାର ତାଳେ ତାଳେ ଭାବ ବିହ୍ୱଳିତ ବୁଣାଳୀମାନେ ମଧ୍ୟ ଖଣ୍ଡୁଆ ପାଟ ବୁଣି ଚାଲିଲେ । କିଛି ସମୟରେ ଗାନ ଶେଷ ହେଲା ଓ ପାଟ ବୁଣା ମଧ୍ୟ । ଗୀତଗୋବିନ୍ଦର ବାରଟିଯାକ ସର୍ଗ ବ୍ରାହ୍ମଣ ଗାନ କରିସାରିଥିଲେ । ବୁଣାଳୀମାନେ ମଧ୍ୟ ତତ୍ପରତାର ସହ ପାଟ ବୁଣାକାର୍ଯ୍ୟ ଶେଷ କରି ଦେଇଥିଲେ । ବ୍ରାହ୍ମଣ ବୁଣାଳୀଙ୍କଠାରୁ ବିଦାୟ ନେବାକୁ ଇଚ୍ଛା କରି କହିଲେ, ଏଥର ମୁଁ ଯାଉଛି । ମୋର ବହୁତ ବିଳମ୍ବ ହୋଇଗଲାଣି । ମଧ୍ୟାହ୍ନ ଭୋଜନ ସମୟ ଗଡ଼ି ଗଲାଣି । ମାତ୍ର ବୁଣାଳୀମାନେ ବ୍ରାହ୍ମଣଙ୍କୁ ବିଦାୟ ଦେବାକୁ ଅନିଚ୍ଛୁକ ହୋଇ କହିଲେ, ଜୟଦେବ ଚେତା ପାଇ ଉଠିଲେ, ଆମ ଉପରେ ବିରକ୍ତ ହେବେ। ଦୟାକରି ସେ ଉଠିବା ପର୍ଯ୍ୟନ୍ତ ଆପଣ ଅପେକ୍ଷା କରନ୍ତୁ । ବ୍ରାହ୍ମଣ କହିଲେ, ସେ ତ ଏତେ ଶୀଘ୍ର ଉଠିବେନି । ରାଧାମାଧବ ପ୍ରେମରେ ମଜ୍ଜି ସେ ଭାବରେ ଅଚେତ ହୋଇପଡ଼ିଛନ୍ତି । ସେ ଉଠିଲେ ମୁଁ ଆସିଥିଲି ବୋଲି ତାଙ୍କୁ କହିବେ । ଏକଥା କହି ବ୍ରାହ୍ମଣ ବୁଣାଳୀମାନଙ୍କଠାରୁ ବିଦାୟ ନେଇ କିଛିବାଟ ଗଲାପରେ ଅର୍ନ୍ତଦ୍ଧାନ ହୋଇଗଲେ ।

ବ୍ରାହ୍ମଣ ଚାଲିଯିବାର କିଛି ସମୟ ପରେ ଜୟଦେବଙ୍କ ଚେତା ଫେରିଲା । ସେ ଉଠି ବସିବା ମାତ୍ରକେ ବୁଣାଳୀମାନେ ତାଙ୍କୁ ବ୍ରାହ୍ମଣଙ୍କ ଖଣ୍ଡୁଆ ପାଟ ବୁଣା ସରିଯାଇଥିବା ସମ୍ପର୍କରେ ମଧ୍ୟ ସୂଚନା ଦେଲେ। ଏକଥା ଶୁଣି ଜୟଦେବ ଅତ୍ୟନ୍ତ ଉଲ୍ଲସିତ ହୋଇପଡ଼ିଲେ । ତନୁ ମନ ଶିହରିତ ହୋଇ ଉଠିଲା । ସେ ଚିନ୍ତାକଲେ ଗୀତଗୋବିନ୍ଦର ସମସ୍ତ ଶ୍ଳୋକ କେବଳ ତାଙ୍କୁ ଓ ତାଙ୍କ ପତ୍ନୀ ପଦ୍ମାବତୀଙ୍କୁ ଜଣା । ସେ ଦୁହିଁଙ୍କ ବ୍ୟତୀତ ଆଉ କେହି ଜାଣନ୍ତି ନାହିଁ । ତେବେ ସେ ବ୍ରାହ୍ମଣ କିଏ ? ମହାପ୍ରଭୁ ନିଶ୍ଚୟ ହୋଇଥିବେ । ଏହା ମନରେ ଭାବି ଜୟଦେବ ପରମ କାରୁଣିକ ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସେଠାରେ ଲୋଟିଗଲେ। ଆଖିରେ ଥିଲା ଅଶ୍ରୁଭାବ ଓ ଭକ୍ତିର ଆନନ୍ଦାଶ୍ରୁ । ଓଠରେ ଥିଲା ଗୀତଗୋବିନ୍ଦର ସ୍ୱର। ସଂପୂର୍ଣ୍ଣ ଆତ୍ମସମର୍ପଣର ସ୍ୱର ମହାପ୍ରଭୁ ସତରେ ତାଙ୍କର ଇଚ୍ଛା ପୂରଣ କରିଛନ୍ତି । ହୃଦୟରେ ଥିଲା ମହାପ୍ରଭୁଙ୍କ ପ୍ରତି କୃତଜ୍ଞତାର କୋହ ଓ ଅଫୁରନ୍ତ ଉଲ୍ଲାସ ।

ଏଥର ଉଠିଲେ ଜୟଦେବ। ଆବେଗିକ ଉନ୍ମାଦନାରେ କହିଲେ ବୁଣାଳୀମାନଙ୍କୁ, ଭାଇମାନେ ତୁମମାନଙ୍କର ଉଦ୍ୟମ

ସଫଳ ହୋଇଛି । ଖଣ୍ଡୁଆ ପାଟକୁ ମହାପ୍ରଭୁ ଗ୍ରହଣ କରିଛନ୍ତି, ସ୍ୱୀକୃତି ପ୍ରଦାନ କରିଛନ୍ତି। ତୁମେମାନେ ଧନ୍ୟ । ମହାପ୍ରଭୁଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି ନିଜ ନିଜ ଜୀବନକୁ ଧନ୍ୟ କରିପାରିଛ । ଯାହା ମୁଁ ପାରିନାହିଁ। ତାହା ତୁମେ ପାରିଛ। ଦୁନିଆରେ ତୁମମାନଙ୍କ ଛଡ଼ା ଆଉ କିଏ ବା ଅଛି ଭାଗ୍ୟବାନ । ବୁଣାଳୀ ବସ୍ତିରେ ଖେଳିଗଲା ଭକ୍ତି ଭାବର ଲହରୀ। ପରିବେଶ ହୋଇ ଉଠିଲା ଭକ୍ତିମୟ ।

ପରଦିନ ପତ୍ନୀଙ୍କ ସହ ଜୟଦେବ ଚାଲିଲେ ପୁରୀ ଅଭିମୁଖେ । ଶ୍ରୀଜଗନ୍ନାଥଙ୍କୁ ଖଣ୍ଡୁଆ ପାଟ ସମର୍ପଣ କରିବାର ପ୍ରବଳ ଇଚ୍ଛା ତାଙ୍କୁ ବିଚଳିତ କରି ପକାଇଲା । ଗୀତଗୋବିନ୍ଦ ଗାଇ ଗାଇ ପତିପତ୍ନୀ ପହଞ୍ଚିଲେ ଶ୍ରୀକ୍ଷେତ୍ରରେ । ସେବାୟତମାନଙ୍କୁ ଭେଟିଲେ ଓ ନିଜ ଇଚ୍ଛା ସଂପର୍କରେ ସେମାନଙ୍କୁ ଜଣାଇ ଖଣ୍ଡୁଆ ପାଟକୁ ମହାପ୍ରଭୁଙ୍କୁ ସମର୍ପଣ କରିବାର ଅଭିଳାଷ ପ୍ରକଟ କଲେ। ମାତ୍ର ସେବାୟତମାନେ ଏଥିରେ ଅମଙ୍ଗ ହେଲେ। ବରଂ ଜୟଦେବଙ୍କୁ ତିରସ୍କାର କଲେ। ଜୟଦେବ ଏଥିରେ ଭାଙ୍ଗି ନପଡ଼ି ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କଲେ । ରାଜାଙ୍କ କାନକୁ ଗଲା ଏହି ପ୍ରସଙ୍ଗ। ରାଜା ଏ ସଂପର୍କରେ ନିଷ୍ପତ୍ତି ନେବାକୁ ଦରବାର ଡକାଇଲେ । ଦରବାର ବସିଲା । ସେବାୟତଙ୍କ ସମେତ ଜୟଦେବ ସପତ୍ନୀକ ଉପସ୍ଥିତ ଥିଲେ। ବହୁ ବାଦାନୁବାଦ ଓ ବିଚାର ବିମର୍ଶ ଚାଲିଲା । ଶେଷରେ ରାଜା ନିଷ୍ପତ୍ତି ଘୋଷଣା କଲେ ଯେ ଜୟଦେବଙ୍କ ଖଣ୍ଡୁଆ ପାଟକୁ ମାର୍କଣ୍ଡେୟ ପୁଷ୍କରିଣୀରେ ଫିଙ୍ଗି ଦିଆଯିବ । ଯଦି ପାଟଟି ପାଣି ଭିତରେ ବୁଡ଼ି ନଯାଇ ପାଣି ଉପରେ ଭାସମାନ ଅବସ୍ଥାରେ ରହିବ, ତେବେ ପାଟଟିକୁ ମହାପ୍ରଭୁ ଗ୍ରହଣ କରିଛନ୍ତି ବୋଲି ବୁଝିବାକୁ ହେବ। ରାଜାଙ୍କ ଘୋଷଣା ମୁତାବକ ଜୟଦେବଙ୍କ ଖଣ୍ଡୁଆ ପାଟକୁ ପୁଷ୍କରିଣୀରେ ଫିଙ୍ଗି ଦିଆଗଲା ଏବଂ ଆଶ୍ଚର୍ଯ୍ୟର ବିଷୟ ଯେ ପାଟଟି ପାଣିରେ ନବୁଡ଼ି ଭାସିବାକୁ ଲାଗିଲା । ସେଠାରେ ଉପସ୍ଥିତ ସମବେତ ଜନତାଙ୍କ ହରିବୋଲ ହୁଳହୁଳି ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଲା । ସମସ୍ତେ ଜୟଦେବଙ୍କୁ ପ୍ରଶଂସା କଲେ। ରାଜା ନିଜେ ତାଙ୍କୁ ଆନନ୍ଦରେ ଆଲିଙ୍ଗନ କଲେ। ଜୟଦେବ କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କ ଆଖି ଆନନ୍ଦରେ ଛଳ ଛଳ ହୋଇଉଠିଲା । ନିଷ୍ପତ୍ତି ଅନୁସାରେ ଜୟଦେବଙ୍କ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ କରାଗଲା। ଭକ୍ତ ଓ ଭକ୍ତିର ବିଜୟ ହେଲା ।

ସେହିଦିନଠାରୁ ମହାପ୍ରଭୁଙ୍କ ବଡ଼ସିଂହାର ବେଶ ନୀତିରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ବ୍ୟବହାର କରାଯାଇ ଆସୁଛି । ଏହି ବେଶ ହିଁ ଦିନଚର୍ଯ୍ୟାର ଶେଷ ବେଶ। ରାତିରେ ଏହି ବେଶରେ ମହାପ୍ରଭୁଙ୍କୁ ସଜାଇ ଦିଆଯିବା ସହ ଗୀତଗୋବିନ୍ଦ ଖଣ୍ଡୁଆ ପାଟରେ ମହାପ୍ରଭୁଙ୍କ ଶରୀରକୁ ଆବରଣ କରାଯାଏ । ଗୀତଗୋବିନ୍ଦର କାନ୍ତକୋମଳ ପଦାବଳୀ ଦେବଦାସୀମାନେ ଗାନ କରିବା ସହ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରୁଥିଲେ । ଏବେ ଅବଶ୍ୟ ଗାନ ଓ ନୃତ୍ୟପ୍ରଥା ବନ୍ଦ ହୋଇଯାଇଛି ।

ଗୀତଗୋବିନ୍ଦ ଖଣ୍ଡୁଆ ପାଟ ପ୍ରଚଳନ ପରମ୍ପରା ହିଁ ସୂଚାଇ ଦେଉଛି ଯେ ଜୟଦେବ ମହାପ୍ରଭୁଙ୍କର ଶ୍ରେଷ୍ଠ ଭକ୍ତ ଥିଲେ ଓ ତାଙ୍କଦ୍ୱାରା ରଚିତ ଗୀତଗୋବିନ୍ଦ ତାଙ୍କର ଅତି ପ୍ରିୟ ସଂଗୀତ ରୂପେ ପରିଚିତ ।

ନୂଆଗାଁ, କୁଜଙ୍ଗ
ଜଗତସିଂହପୁର

❖ ❖ ❖